# ଶୁଭଶ୍ରୀ ଲେଙ୍କା କବିତାରେ 'ଜୀବନବୋଧ'

*(ଏକବିଂଶ ଶତାବ୍ଦୀର ଓଡ଼ିଆ କବିତା ପରୀପ୍ରେକ୍ଷୀରେ)*

**ଉପସ୍ଥାପିକା**

**ଡକ୍ଟର ସୁଜ୍ଞାନୀ କୁମାରୀ ସାହୁ**

**ସହକାରୀ-ପ୍ରାଧ୍ୟାପିକା**

**ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ,କଟକ ।**



# ‘ଜୀବନବୋଧ’ କହିଲେ ଆମେ କ’ଣ ବୁଝୁ?

ପ୍ରଥମେ ଜୀବନବୋଧକୁ ବିଚାର କରାଯାଉ । ଜୀବନବୋଧ କହିଲେ ମୁଁ ଏହା ବୁଝେ ଯେ ଜୀବନର ସମସ୍ତ ଅନୁଭବକୁ କାଳସଚତନ ହୋଇ ଏକ ନିର୍ଦ୍ଦିଷ୍ଟ କାଳଖଣ୍ଡରେ ପ୍ରକାଶ କରିବା ହିଁ ଜୀବନବୋଧ । ମୋ ମତରେ ସାହିତ୍ୟ ହେଉଛି ଜୀବନର ସମାଲୋଚନା । ଏଣୁ ସାହିତ୍ୟ ଭିତରେ ହିଁ ଜୀବନବୋଧକୁ ତନ୍ନତନ୍ନ କରି ଖୋଜା ଯାଇପାରେ ପର୍ଯ୍ୟାପ୍ତ ପରିମାଣରେ। କବିତା ସର୍ବଦା ଅନ୍ୱେଷାର ସ୍ୱର ଶୁଣାଇଥାଏ । ଅନ୍ୱେଷା ଭିତରେ ଥାଏ ଗଭୀର ଜୀବନବୋଧ । ମାନବିକତା ଆଧାରରେ କବି ନିର୍ମାଣ କରେ ତା’ର କାବ୍ୟ ସୌଧ । ସେହି କାବ୍ୟ ସୌଧର ମୂଳଭିତ୍ତି ହେଉଛି ଗଭୀର ଜୀବନବୋଧ ।

# କବି ଶୁଭଶ୍ରୀ ଲେଙ୍କା ଓ ତାଙ୍କ କାବ୍ୟଜଗତ

- ଏକବିଂଶ ଶତାବ୍ଦୀର କାଳଖଣ୍ଡର କାବ୍ୟଶିଳ୍ପୀ ମାନଙ୍କ ମଧ୍ୟରେ ଯେଉଁ କେତେଜଣ ଲେଖକ-ଲେଖିକା ଲେଖନୀଚାଳନା ପୂର୍ବକ ଗଭୀର ଆଶା , ଅସ୍ମିତା ଓ ଜୀବନ ଜିଜ୍ଞାସାର ସୂକ୍ଷ୍ମ ସରଣୀରେ ଦୃଢ଼ ଆତ୍ମପ୍ରତ୍ୟୟଟିଏ ସୃଷ୍ଟିକରିପାରିଛନ୍ତି ସେମାନଙ୍କ ମଧ୍ୟରେ ଶୁଭଶ୍ରୀ ଲେଙ୍କା ଏକ ସଶ୍ରଦ୍ଧ ଉଚ୍ଚାରଣ । ଶୁଭଶ୍ରୀଙ୍କ କବିତାରେ ଜୀବନ ଯନ୍ତ୍ରଣାର ସ୍ୱର ଯେତେ ପରିମାଣରେ ଶୁଣାଯାଏ, ସେହିପରି ଆଶାବାଦର ସ୍ୱର ମଧ୍ୟ ତତୋଧିକ ।
- ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ନାରୀ ସ୍ୱାଧୀନତା ତଥା ନାରୀ ସଶକ୍ତିକରଣ (women empowerment) ଦ୍ୱାରା ସାମାଜିକ କ୍ଷେତ୍ରରେ ନାରୀମାନଙ୍କ ଭୂମିକା ବହୁ ଭାବରେ ବୃଦ୍ଧି ପାଇଛି । ଏହି ପରିପ୍ରେକ୍ଷୀରେ କବି ଶୁଭଶ୍ରୀ ଲେଙ୍କାଙ୍କ କବିତା ପ୍ରାସଙ୍ଗିକ ମନେହୁଏ ।
- ଏକବିଂଶ ଶତାବ୍ଦୀର ପ୍ରାରମ୍ଭ ଅର୍ଥାତ୍ ପ୍ରଥମ ଦଶକରେ ତାଙ୍କର ପ୍ରଥମ କବିତା ସଂକଳନ ‘ଆସ’(୨୦୦୫) ମସିହାରେ ପ୍ରକାଶିତ ହୋଇ ପାଠକୀୟ ଆଲୋଡ଼ନ ସୃଷ୍ଟି କରିବାରେ ସମର୍ଥ ।
- ପର୍ଯ୍ୟାୟକ୍ରମେ ଶୁଭଶ୍ରୀଙ୍କ କବିତା ସଂକଳନ ‘ଓ’(୨୦୦୭), ‘ଆକାଶରେ ଆଜି ଜହ୍ନ ନାହିଁ’(୨୦୧୦), ‘ଚିତ୍ରରାତି’(୨୦୧୩), ‘ସେଇ ଶବ୍ଦମାନେ’(୨୦୧୮),ସମୟର ଉପକଥା(୨୦୨୧) ଆଦି ପ୍ରକାଶ ପାଇ ଏ ଶତାବ୍ଦୀର କବିତାକୁ ପୁଷ୍କଳ କରିଛି ।

# ଏକବିଂଶ ଶତାବ୍ଦୀର କବିତା ପରିପ୍ରେକ୍ଷୀରେ କବି ଶୁଭଶ୍ରୀ ଲେଙ୍କାଙ୍କ କବିତାରେ 'ଜୀବନବୋଧ'

- ଏକବିଂଶ ଶତାବ୍ଦୀର ଓଡ଼ିଆ କବିତା ପରିପ୍ରେକ୍ଷୀରେ ଯଦି ଆଲୋଚନା କରିବା ତେବେ ଶୁଭଶ୍ରୀ ଲେଙ୍କାଙ୍କ ପରି ଦରଦୀ, ଉଦାର ତଥା ମାନବବାଦୀ କାବ୍ୟଶିଳ୍ପୀର ତୁଳନା ଏକାନ୍ତ ଭାବେ ଅପରିହାର୍ଯ୍ୟ ମନେ ହୁଏ । ଜୀବନବାଦୀ କାବ୍ୟଶିଳ୍ପୀର ମନ ଓ ମନନ ନେଇ କବିତା ରଚନା କରିବା ତାଙ୍କ ପକ୍ଷରେ ଆଦୌ କଷ୍ଟସାଧ୍ୟ ହୋଇନପାରେ । ଆଧୁନିକତାର ଦ୍ୱାହିଦେଇ ସେ କେବେହେଲେ ଦୁଃବୋଧ କବିତାର ରଚନା କରିନାହାନ୍ତି । ଯାହା ତାଙ୍କ କବିତା ସଂକଳନ ଗୁଡ଼ିକରୁ ସହଜରେ ଅନୁମେୟ ।
- କବି ଶୁଭଶ୍ରୀ ହେଉଛନ୍ତି ଅନୁଭବର କବି । ଜୀବନବୋଧକୁ ପରିପ୍ରକାଶ କରିବା ହେଉଛି ତାଙ୍କ କବିତାର ଧର୍ମ । କାରଣ କବିତା ହେଉଛି ଜୀବନାନୁଭୂତିର ଏକ ସାମଗ୍ରିକ ରୂପଚର୍ଯ୍ୟା । ଜୀବନବୋଧ ଭିତରେ ଜଗତର ସକଳ ବିଷୟକୁ ସମାହିତ କରାଯାଇପାରେ । ଜୀବନର ବ୍ୟାପକତା ଓ ମହାନତାକୁ ମର୍ମେ ମର୍ମେ ଅନୁଭବକୁ କରାଯିବାର ଏକ ଅବ୍ୟର୍ଥ ମହୌଷଧି ହେଉଛି ସାହିତ୍ୟ । କାରଣ 'Literature is the criticisim of life'(*୧)-ଅର୍ଥାତ୍ ସାହିତ୍ୟ ହେଉଛି ଜୀବନରେ ସମାଲୋଚନା ।

*୧)Matthew Arnold

କବିଟିଏ ସାରାଜୀବନ ଗୋଟିଏ ମାତ୍ର କବିତା ଲେଖିଥାଏ ତାହା ହେଉଛି ଜୀବନବୋଧର କବିତା । ଜୀବନ ପ୍ରତି ସଶ୍ରଦ୍ଧ ଅନୁରାଗ ଭିତରେ ବଞ୍ଚିବା ଏକ ଅପୂର୍ବ କୌଶଳ ତଥା କାରିଗରୀ । ଶୁଭଶ୍ରୀ ଲେଙ୍କାଙ୍କ କବିତାମାନଙ୍କରେ ଜୀବନପ୍ରତି ଯେଉଁ ଆକର୍ଷଣ ପ୍ରତିପାଦିତ କରାଯାଇଛି ତାହା ସମକାଳୀନ କବିମାନଙ୍କ ପାଖରେ ବିରଳପ୍ରାୟ ମନେ ହୁଏ । କବିତା ଲେଖାଯାଏ ନାହିଁ ବରଂ ଏହା ସ୍ୱତଃ ଲେଖି ହୋଇଯାଏ । ଶୁଭଶ୍ରୀଙ୍କ  କବିତାରେ ପ୍ରତିକ୍ଷଣ ଏହା ଉପଲବ୍ଧ । ତାଙ୍କର 'ଆକାଶରେ ଆଜି ଜହ୍ନ ନାହିଁ' କବିତା ସଂକଳନରୁ ଏହା ସ୍ପଷ୍ଟ ବାରିହୁଏ-

*"ସଫା ସୁନାର ସକାଳ/ ଚକ୍ ଚକ୍ କରୁଥାଏ/ ତୋ ସିନ୍ଦୁର ଟୋପାପରି /*
*ତୋ ଦାଗ ନଥିବା ଶାଢୀ ପରି/ତୋ ମୁହଁର ପାନଖିଆ ହସ ପରି/*
*ମା' ଲୋ, ସତ କହୁଛି / କାମ ଚାପରେ ତୋ ଗୋରାମୁହଁ/*
*ଦିଶିଯାଏ ମୋତେ / ଇତିହାସ ପୃଷ୍ଠାର ରାଣୀ ଲକ୍ଷ୍ମୀବାଈ ପରି ।"*

*-(ମା'ର ସକାଳ-ଆକାଶରେ ଆଜି ଜହ୍ନ ନାହିଁ)*

କବିତା ଭିତରେ ଜୀବନର ସମସ୍ତ ଗୋପନୀୟତାକୁ ଉନ୍ମୋଚନ କରାଯାଇପାରେ । ଅପର ପକ୍ଷରେ କବିତା ହେଉଛି ଏକ ଜୀବନ ବଂଚିବାର କଳା, ଯାହା ସାହାର୍ଯ୍ୟରେ ଏକ ପୂର୍ଣ୍ଣାଙ୍ଗ ଜୀବନ ଉପଭୋଗ୍ୟ । ଏହି ଉପଭୋଗ୍ୟର ଉପପାଦ୍ୟ ହେଉଛି କବି ଶୁଭଶ୍ରୀ ଲେଙ୍କାଙ୍କ କବିତା । କାରଣ ସ୍ୱପ୍ନ ଯେ କେତେବେଳେ ବାସ୍ତବରେ ରୂପାୟିତ ହୋଇଯାଏ ତାହା  କୁହାଯାଇ ନପାରେ । ମାତ୍ର ଶତାୟୁ ସ୍ୱପ୍ନର ସୁଗନ୍ଧ କବି ଚେତନାରେ ଚହଟିଯାଏ; କବି ଜୀବନ ଧନ୍ୟ ହେଇଯାଏ ଚିରକାଳ ଲାଗି । ଏହାହିଁ ତ ଜୀବନର ପରିଭାଷା  । ଆଉ ତାହାହିଁ କବିଟିକୁ ପ୍ରେରିତ କରେ ଜୀବନବୋଧର  କବିତା ଲେଖିବା ଲାଗି । ଯେମିତି କବି ଶୁଭଶ୍ରୀଙ୍କୁ ପ୍ରେରିତ କରିଛି-

*"ବେଳେବେଳେ ଚୁଲୀରୁ ଉତୁରିଯାଏ ଦୁଧ*
*ପବନରେ ଖେଳେଇଯାଏ ପୋଡ଼ାଗନ୍ଧ*
*ବନ୍ଦ ହୃଦୟର କୋଠରୀରେ*
*ଚହଟୁଥାଏ ଶତାୟୁ ସ୍ୱପ୍ନର ସୁଗନ୍ଧ !"*

-ଚିରକାଳ ଏମିତି-ଆସ

ଶ୍ରୀମତୀ ଲେଙ୍କା ପ୍ରକୃତ ଜୀବନର ରୂଢ ବାସ୍ତବତାର କଥାକୁ ବେଶ୍ ବ୍ୟଞ୍ଜନାଧର୍ମୀ ଭାଷାରେ ପ୍ରକାଶ କରିବାରେ ପୂର୍ଣ୍ଣ ମାତ୍ରାରେ ସକ୍ଷମ ହୋଇପାରିଛନ୍ତି । ଜଣେ କାଳ ଓ କଳା ସଚେତନ କାବ୍ୟଶିଳ୍ପୀ ଭାବରେ କବି ଶୁଭଶ୍ରୀଙ୍କ ନାମକୁ ଶ୍ରଦ୍ଧା ଓ ସମ୍ମାନର ସହ ସ୍ମରଣ କରାଯାଇପାରେ । ଯେମିତି ସେ ପ୍ରକାଶ କରିଛନ୍ତି-

*"ସକାଳ ହେଲା ବେଳକୁ/ପୂର୍ବପରି ସେ ନାରୀ ବନ୍ଦୀ ଥାଏ*
*କାନ୍‌ଭାସରେ ଉଦାସୀ ମୁଦ୍ରାରେ*
*ପରମ ପୁରୁଷ ମିଳେଇ ଯାଇଥାନ୍ତି ଶୂନ୍ୟରେ*
*ଅଗଣାରେ ବିଞ୍ଚିହୋଇ ପଡ଼ିଥାଏ ସୁନାଖରା*
*ପବନ ପାଲଟିଯାଇଥାଏ ସୁନାପିଲା*
*ମହକୁ ନଥାଏ ମାଟି/ ଚମକୁ ନଥାଏ ଆକାଶ*
*ସଜନା ଡାଳରେ କା କା କରୁଥାଏ କୁଆ*
*ଆରମ୍ଭ ଓ ଶେଷ ନ ଥିବା*
*ଅସରନ୍ତି କାହାଣୀଟିଏ ପାଲଟି ସୁନେଲି*
*ଫ୍ରେମ୍‌ରେ ଝୁଲୁଥାଏ ଚିତ୍ରରାତି ।"-(ସଂକଳନ-ଚିତ୍ରରାତି)*

ସମାଜ ପ୍ରତି କବିର ଦାୟିତ୍ୱବୋଧ ସର୍ବାଧିକ । ତାଙ୍କର ସାମାଜିକ ଅଙ୍ଗୀକାରବଦ୍ଧତା ଯେ ଯଥେଷ୍ଟ ରହିଛି, ଏହାକୁ ଅସ୍ୱୀକାର କରାଯାଇ ନପାରେ । କବିଟିଏ ଯୁଗ ଯୁଗ ଧରି ପରଂପରା ଏବଂ ପୁରୋଦୃଷ୍ଟି ପ୍ରତି ଗଭୀର ଆସ୍ଥା ଓ ବିଶ୍ୱାଶ ପ୍ରକାଶ କରିଥାଏ । କିନ୍ତୁ ଯେତେବେଳେ ଅନ୍ୟାୟ, ଅତ୍ୟାଚାର, ଅନୀତି ଆଦି ସାମାଜିକ ଜୀବନକୁ ଗ୍ରାସ କରେ, ସେତେବେଳେ ବ୍ୟଙ୍ଗ, ବିଦ୍ରୂପ ଆଦି ମାଧମରେ କଠୋର ଭାବରେ ସମାଲୋଚନା କରେ । କାରଣ ଏକ ସୁସ୍ଥ ତଥା ନିର୍ମଳ ସମାଜ ଗଠନ ତା' ଜୀବନର ଲକ୍ଷ୍ୟ । ମୋଟାମୋଟି ଭାବରେ ଜୀବନର ରୁଢ ବାସ୍ତବତାକୁ ମାର୍ମିକ ଚିତ୍ର ପ୍ରଦାନରେ କବିଙ୍କ କି ଆନ୍ତରିକ ପ୍ରବଣ ମାନସିକତା , ଯାହା ନିମ୍ନୋକ୍ତ ପଂକ୍ତିରୁ ସହଜରେ ଅନୁମେୟ-

*"ନିଭୃତରେ ସେଇ ଶବ୍ଦମାନଙ୍କୁ / ପବିତ୍ର ତମ ମନ୍ତ୍ର ପରି ମୁଁ ଉଚ୍ଚାରଣ କରେ/*
*ମୋ' ତୁଣୀରର ଶର କରି/ ଅକ୍ଳେଶରେ ସମର ବି ଜିତିପାରେ /*
*ପାଉଁଜିରେ ମୋର ଘୁଙ୍ଗୁର କରି / ସେହି ଶବ୍ଦମାନଙ୍କୁ /*
*ପ୍ରତିଟି ସକାଳ ସଂଗୀତମୟ କରିପାରେ / ଅଣ୍ଟାର ଚାବିନେଥାରେ ଝୁଲାଇ /*
*ଏକାନ୍ତ ମୋ ଅଧିକାର ଜାହିର କରେ ।"*

*(ସେଇ ଶବ୍ଦମାନେ-୧/ସେଇ ଶବ୍ଦମାନେ)*

କବିତା ସର୍ବଦା ମଣିଷ ସହିତ ମଣିଷକୁ ଯୋଡ଼ିଥାଏ । ଏଣୁ ସଂପ୍ରତି ସାହିତ୍ୟ ଜଗତରେ ଉତ୍ତର-ଆଧୁନିକତାର ପ୍ରଭାବପୂର୍ଣ୍ଣ ସଂକଟ କାଳରେ ସାମାଜିକ ପ୍ରତିବଦ୍ଧତା (social commitment) ଏକ ବଡ଼ ଆହ୍ୱାନ ; ଯାହା କବିତାର ମର୍ଯ୍ୟାଦାକୁ ପରିମାର୍ଜିତ ଓ ପରିବର୍ଦ୍ଧି କରିଥାଏ । କାରଣ କବିର ଏକ ଦାୟିତ୍ୱବୋଧ ରହିଛି ଏକ ସୁସ୍ଥ ସମାଜ ଗଠନରେ । ଏହି ପରିପ୍ରେକ୍ଷୀରେ କବି ଶୁଭଶ୍ରୀ ଲେଙ୍କା ହେଉଛନ୍ତି ସାଂପ୍ରତିକ ସମୟର ଜଣେ ପ୍ରତିଶ୍ରୁତିବାନ କବିମାନଙ୍କ ମଧ୍ୟରୁ ଅନ୍ୟତମା । ତାଙ୍କ କବିତା ସଂଚରି ଯାଇଛି ଏକ ନୂତନ ଭାବଭୂମି ଆଡ଼କୁ । ତାଙ୍କ କାବ୍ୟିକ ସତ୍ତା ଚୌକାଠର ଚୌହଦୀରେ ଚିରକାଳ ବନ୍ଦି ହୋଇ ରହିନାହିଁ, ବରଂ ସୃଜନର ସତ୍ୟପାଠରେ ଅଧିଷ୍ଠ ହୋଇଛନ୍ତି ସତ୍ୟ-ଧର୍ମ-ନ୍ୟାୟ ଆଦିର ସଂରକ୍ଷଣ ପାଇଁ । ଜୀବନର ଯୁଦ୍ଧଭୂମିରେ ଆତ୍ମସମର୍ପଣ ନକରି ସଗର୍ବରେ ଆଗେଇ ଯାଇଛନ୍ତି ପ୍ରଚଣ୍ଡ ସ୍ୱାଭିମାନରେ ସାଧା ପୃଷ୍ଠାର କବିତା ଲେଖିବା ନିମନ୍ତ । କବିଙ୍କ ଭାଷାରେ

*"କାଗଜରେ ଜାଗା ଖାଲି / ଏବେ ବି ବାକି ଅଛି ଯୁଦ୍ଧ /ଭ୍ରମଣ, କଳ୍ପନାୟିକା ଦର୍ଶନ*

*ଶବ୍ଦମାନଙ୍କୁ ମନ୍ତ୍ରର ଗାମ୍ଭୀର୍ଯ୍ୟ ନେଇ / ଓଁକାର ନାଦର ପବନକୁ /*

*ଆଜ୍ଞାଧୀନ କରିବା / କବିତାର ଛାୟାରେ ତଉଲିବା ।"- (ସାଦା ପୃଷ୍ଠାର କବିତା/ ଚିତ୍ରରାତି)*

# ଉପସଂହାର

ସାଂପ୍ରତିକ ଓଡ଼ିଆ କବିତାରେ ଜୀବନବୋଧର ସ୍ୱର ପ୍ରଖର ।  ହେବା ମଧ୍ୟ ସ୍ୱାଭାବକ୍ ;କାରଣ କବିଟିଏ ଚିରକାଳ ଭୋଗେ ଜୀବନକୁ । କବିଟିଏ ସର୍ବଦା ପ୍ରେମର,ମାଧୁର୍ଯ୍ୟର,ଜୀବନର,ଆନନ୍ଦର,ସ୍ନେହ ଆଦିର ଗନ୍ତାଘର । ଯେତେ ବିତରଣ କଲେ ବି ତାହା ଶେଷହୀନ । ସେ ଭାବ ଓ ଭାଷାର କାରିଗର । ଜୀବନ ତାର ସମଗ୍ର ମାନବ ଜାତି ପାଇଁ ସମର୍ପିତ। ବିଶ୍ୱ ତା' ପାଇଁ ପ୍ରେମ-ଶାନ୍ତି-ପ୍ରୀତି-ମୈତ୍ରୀର ପାରାବାରଟିଏ । ଜୀବନବୋଧକୁ ପ୍ରତିକୀତ କରିଯିବା ତା'ର ମୂଳଧର୍ମ । ଜୀବନ ତମାମ୍ ମାନବ ସଂପ୍ରୀତିର କଥା କୁହାଯାଇ ପାରେ, ଗଭୀର ଜୀବନବୋଧ ମାଧ୍ୟମରେ । ତେଣୁ ଏକବିଂଶ ଶତାବ୍ଦୀର ଓଡ଼ିଆ କବିତା ହେଉଛି ଜୀବନ ବୋଧର ପ୍ରତୀକ ।

# ସହାୟକ ସୂଚୀ


- ପାଣ୍ଡବ ଡକ୍ଟର ଶତ୍ରୁଘ୍ନ/ ଆଧୁନିକତାରୁ ଉତ୍ତର-ଆଧୁନିକତା: ସମକାଳୀନ ଓଡ଼ିଆ କବିତା,ପ୍ରକାଶକ: ସାହିତ୍ୟ ଶ୍ୱେତପଦ୍ମା , ପ୍ରଥମ ପ୍ରକାଶ -୨୦୧୭
- ପଟେଲ ଡକ୍ଟର ଭଗବାନ/ଆଧନିକ କବ୍ୟଧାରା:ଅନକଓ୍ୱେଷର ଓ ଜିଜ୍ଞାସା , ପ୍ରକାଶକ:କାବ୍ୟାଲୋକ : ୨୦୧୯
- ତ୍ରୀପାଠୀ ସୂର୍ଯ୍ୟସ୍ନାତ/ଓଡ଼ିଆ ସାହିତ୍ୟର ନବପ୍ରସ୍ଥ, ପ୍ରକାଶକ: ବ୍ଲାକ୍‌ଇଗଲ ବୁକ୍‌ସ,ପ୍ରକାଶକାଳ-୨୦୨୧
- ସାହୁ ଡକ୍ଟର ସୁଜ୍ଞାନୀ/ ସ୍ୱର୍ଦ୍ଧିତ ନାରୀସ୍ୱର, ପ୍ରକାଶକ: ବ୍ଲାକ୍‌ଇଗଲ ବୁକ୍‌ସ,ପ୍ରକାଶକାଳ-୨୦୨୨
- ଲେଙ୍କା ଶୁଭଶ୍ରୀ/ଆସ(୨୦୦୫)
- ଲେଙ୍କା ଶୁଭଶ୍ରୀ/ଓ(୨୦୦୭)
- ଲେଙ୍କା ଶୁଭଶ୍ରୀ/ଆକାଶରେ ଆଜି ଜହ୍ନ ନାହିଁ(୨୦୧୦)
- ଲେଙ୍କା ଶୁଭଶ୍ରୀ/ ଚିତ୍ରରାତି(୨୦୧୩)
- ଲେଙ୍କା ଶୁଭଶ୍ରୀ/ସେଇଶବ୍ଦମାନେ,ପ୍ରକାଶକାଳ-୨୦୧୮,ପ୍ରକାଶକ:ପଶ୍ଚିମା ପବ୍ଲିକେଶନ,
- ଲେଙ୍କା ଶୁଭଶ୍ରୀ /ସମୟର ଉପକଥା/ ପ୍ରକାଶକାଳ-୨୦୨୧,ପ୍ରକାଶକ:ପଶ୍ଚିମା ପବ୍ଲିକେଶନ,
- ପାଢୀ ବେଣୁଧର/ ଓଡ଼ିଆ ସାହିତ୍ୟର ଇତିହାସ ,ପ୍ରକାଶକ : ପ୍ରାଚୀସାହିତ୍ୟ ପ୍ରତିଷ୍ଠାନ ,ପ୍ରଥମ ପ୍ରକାଶ :୨୦୧୫

# ଧନ୍ୟବାଦ